# ଅଲୋଡ଼ାର ଉପଯୋଗ

- ବିଭିନ୍ନ ଅଦରକାରୀ ଜିନିଷରୁ କିଭଳି ଭଲ ଭଲ ଜିନିଷ ତିଆରି କରାଯାଇପାରିବ ସେ ବିଷୟରେ ପିଲାମାନେ ଅବଗତ ହୋଇଥିଲେ ।
- ଚଣ୍ଡିଗଡ଼ର ରକ୍ ଗାର୍ଡ଼େନର ଉଦାହରଣ ଦେଇ ସାଧନ କର୍ମୀ ବିଭିନ୍ନ ଖେଳ ମାଧ୍ୟମରେ ପିଲାମାନଙ୍କ ମନ ଖୁସି କରିବା ପାଇଁ "ମାଛ ଘର" ତିଆରି କରିବା ଶିକ୍ଷା ଦେଇଥିଲେ । ଅଦରକାରୀ ପାଣି ପାଉଚ୍ ଜରିରେ ପିଲାମାନେ ଭଳିକି ଭଳି ରଙ୍ଗବେରଙ୍ଗର ମାଛ ତିଆରି କରିପାରିଥିଲେ । ସେଗୁଡ଼ିକୁ ଏକ ମାଛ ଘରେ ସଜାଇ ଦିଆଯାଇଥିଲା, ଯାହାକି ଅଦରକାରୀ ସୋଲ ଥାଳିରେ ତିଆରି ହୋଇଥିଲା ।
- ଅଦରକାରୀ ପାଣି ବୋତଲରୁ ଫୁଲଦାନୀ, ଅଦରକାରୀ ଗ୍ଲାସ କପ୍, ବିଭିନ୍ନ ଜିନିଷର ଖୋଳ, ଜରି, ପାଉଚ୍, ପୋଡ଼ା ବଲବ୍, ବାରଲାଇଟ୍, ଭଙ୍ଗା ଚିନାମାଟିର ଥାଳି ଗିନାକୁ କିଭଳି ଦରକାରୀ ଘରସଜ୍ଜା ସାମଗ୍ରୀରେ ପରିଣତ କରାଯାଇପାରିବ ତାହା ପିଲାମାନେ ଶିଖିଥିଲେ ।
- ଯେକୌଣସି ଅଦରକାରୀ ଜିନିଷ ଯେ ପୁନର୍ବାର ବ୍ୟବହାର କରାଯାଇପାରିବ ଏହା ପିଲାମାନେ ଜାଣିପାରିଲେ ଓ ନିଜ ନିଜ ବିଦ୍ୟାଳୟରେ ଅନ୍ୟ ପିଲାମାନଙ୍କୁ ଏକଥା ଶିଖାଇବେ ବୋଲି ଆଗ୍ରହ ପ୍ରକାଶ କରିଥିଲେ । □□□









# ସୃଜନାତ୍ମକ ଖେଳ

'ସରଗିଫୁଲ ୨୦୧୧' କାର୍ଯ୍ୟକ୍ରମର ଅନ୍ୟ ଏକ କର୍ମଶାଳାରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଶିକ୍ଷାର୍ଥୀମାନେ ବିଭିନ୍ନ ଖେଳ ଖେଳିବା ଦ୍ୱାରା ପିଲାମାନଙ୍କ ଭିତରେ ଲୁଚି ରହିଥିବା ଅନ୍ତର୍ନିହିତ ସୃଜନାତ୍ମକ ଚିନ୍ତାଧାରା କିପରି ବିକଶିତ ହୋଇପାରିବ ତା'ର ପ୍ରଚେଷ୍ଟା କରାଯାଇଥିଲା । ସେଥିରେ ନିମ୍ନଲିଖିତ ଖେଳ ସବୁ ଖେଳା ଯାଇଥିଲା।

- ସିଏ କ'ଣ କରୁଥିଲେ । (ପରସ୍ପର ଭାବର ଆଦାନ ପ୍ରଦାନ) (ସ୍ମୃତିଶକ୍ତିର ବିକାଶ)
- ଏକ, ଦୁଇ, ତାଳି - (ଗୁଣିତକ ଜ୍ଞାନ ବଢ଼ିବ)
- ପାଟିକର - (ପିଲାଙ୍କର କଥନ ଗୁଣର ବିକାଶ)
- ସପ୍ତାହରେ ତାଳ - (ଗୁଣିତକ, ଗୁଣନୀୟକର ଧାରଣା)
- କେତେଭାଇ କେତେ - ତମେ କହିବ ଯେତେ । (ଏକାଗ୍ରତା ଓ ସଂଖ୍ୟାଗଣନ)
- ଏମିତି କେମିତି (ମନୋବୃତ୍ତି ଓ ଏକାଗ୍ରତା)
- ଅନ୍ଧକୁ ରାସ୍ତା ଦେଖାଅ । (ଏକାଗ୍ରତା, ସହଭାଗିତା)
- ଗଞ୍ଜା ଖେଳ (ସହଯୋଗ ଓ ଦଳୀୟ ମନୋଭାବ)
- ହସ, ଡ଼ିଆଁ, ନାଚ (ସମାନତା, ସମ ମନୋଭାବ)
- ଦର୍ପଣ ( ଅନୁକରଣ / ଅନୁସରଣ)
- ବିଲୁଆ ଘର (ବିପରୀତ ଭାବନା, ସମନ୍ୱୟ)
- ଗଣନ ସଂଖ୍ୟା ( ସଂଖ୍ୟା ପରିଚୟ)
- ମ୍ୟୁଜିକ୍ ଚେୟାର୍ (ଏକାଗ୍ରତା ଓ ସମନ୍ୱୟ)
- ଏପଟେ ସେପଟେ (ଶରୀର ସୁସ୍ଥତା)
- ପିରାମିଡ୍ ( ଜ୍ୟାମିତିକ ଧାରଣା)









# କଣ୍ଢେଇଗଢ଼ା ଓ ନାଚ

'ସର୍ଗିଫୁଲ ୨୦୧୧' କାର୍ଯ୍ୟକ୍ରମର ଅନ୍ୟ ଏକ ମୁଖ୍ୟ ଆକର୍ଷଣ ଥିଲା କଣ୍ଢେଇ ପ୍ରସ୍ତୁତି ଓ କଣ୍ଢେଇ ନାଚ । ଏହି କର୍ମଶାଳାରେ ପିଲାମାନେ ବିଭିନ୍ନ ପ୍ରକାର କଣ୍ଢେଇ ପ୍ରସ୍ତୁତି ଓ ଅଭିନୟ ଶିକ୍ଷା କରିଥିଲେ ।

➢ ବିଭିନ୍ନ ପ୍ରକାରର କଣ୍ଢେଇ -

(୧) ମୁଖା କଣ୍ଢେଇ

(୨) ଆଙ୍ଗୁଠି କଣ୍ଢେଇ

(୩) ଛାୟା କଣ୍ଢେଇ

(୪) ଦୋସ୍ତାନା କଣ୍ଢେଇ

(୫) ସୂତା କଣ୍ଢେଇ

(୬) ଗୋବର କଣ୍ଢେଇ ଇତ୍ୟାଦି ।

➢ ଶିକ୍ଷାର୍ଥୀମାନେ ଗାଈ, ବାଘ, ହରିଣ, ମଣିଷ, ହାତୀ, ଇତ୍ୟାଦି ପଶୁ / ପକ୍ଷୀମାନଙ୍କର ମୁଖା ତିଆରି କରିବା ଶିକ୍ଷା କରିଥିଲେ ।

➢ ପିଲାମାନେ ମୁଖା ପରିଧାନ କରି ବଉଳା ଗାଈର ଏକ ନାଟକ ଅଭିନୟ କରିଥିଲେ ।

ଏହାଦ୍ୱାରା ପିଲାମାନେ ମୁଖା ପ୍ରସ୍ତୁତି ସହ ଅଭିନୟ କଳା ଶିକ୍ଷା କରିଥିଲେ । ❑❑❑













# ଯାଦୁଖେଳ

ସର୍‌ଗିଫୁଲ ମହୋତ୍ସବ - ୨୦୧୧ରେ ମ୍ୟାଜିକ୍ କର୍ମଶାଳା ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା ଆଉ ମନୋରଂଜନର ଭରପୂର ଖୋରାକ ଯୋଗାଇଥିଲା ।

- ଛୋଟ ଛୋଟ ସାମଗ୍ରୀ ଯଥା ରୁମାଲ, ମହମବତି, ଦିଆସିଲି, ବୋତଲ ଇତ୍ୟାଦି ବ୍ୟବହାର କରି ମ୍ୟାଜିକ୍ କୌଶଳ ପ୍ରଦର୍ଶନ କରିବା ଦକ୍ଷତା ହାସଲ କରିବା । ଏହାକୁ ଇନ୍ଦ୍ରଜାଲ କୁହା ଯାଉଥିଲେ ମଧ୍ୟ ଏହା ଏକ ପ୍ରକାର ହାତ ସଫେଇ ।
- ପାଣିରୁ ଫୁଲ ତିଆରି ହୋଇ ବାହାରିବା । ପାଣି ପକାଇଲେ ନିଆଁ ବାହାରିବା ଇତ୍ୟାଦି ବିଜ୍ଞାନ ଭିତ୍ତିକ ମ୍ୟାଜିକ୍ ସଂପର୍କରେ ଧାରଣା ଦିଆଯାଇଥିଲା ।
- ସାଧାରଣ ରସି ମାଧ୍ୟମରେ ବିଭିନ୍ନ କୌଶଳ ଶିଖା ଯାଇଥିଲା ।
- ପିଲାମାନେ ହାତ ସଫେଇର ବିଭିନ୍ନ କୌଶଳ ଶିକ୍ଷା କରିବା ସହିତ ନିଜେ ଅନ୍ୟମାନଙ୍କ ଆଗରେ ମ୍ୟାଜିକ୍ ଶୋ' ପ୍ରଦର୍ଶନ କରାଇଥିଲେ ।
- ଅନ୍ୟକୁ କୌଣସି କ୍ଷତି ନ ପହଞ୍ଚାଇ ସମସ୍ତଙ୍କୁ ରୋଚକ ମନୋରଞ୍ଜନ ଦେବା ମ୍ୟାଜିକ୍‌ର ଉଦ୍ଦେଶ୍ୟ ବୋଲି ଶିକ୍ଷାର୍ଥୀମାନେ ଜାଣି ପାରିଲେ । ❑❑❑



# ଓଡ଼ିଶୀ ନୃତ୍ୟ

ସରଗିଫୁଲ ୨୦୧୧ କାର୍ଯ୍ୟକ୍ରମର ରଙ୍ଗାରଙ୍ଗ କର୍ମଶାଳା ଥିଲା ଓଡ଼ିଶୀନୃତ୍ୟ କର୍ମଶାଳା । ଶିକ୍ଷାର୍ଥୀମାନେ ଓଡ଼ିଶୀପରି ଏକ ଶାସ୍ତ୍ରୀୟ ନୃତ୍ୟକଳା ସମ୍ପର୍କରେ ନିମ୍ନ ଲିଖିତ ଜ୍ଞାନ ଲାଭ କରିଥିଲେ ।

- ପ୍ରାର୍ଥନା
- ଭୂମି ପ୍ରଣାମ
- ଶରୀରକୁ ନୃତ୍ୟ ଉପଯୋଗୀ କରିବା ପାଇଁ ବିଭିନ୍ନ ବ୍ୟାୟାମ
- ପଦଗ୍ଭଳନା /ଛନ୍ଦ
- ମଙ୍ଗଳାଚରଣ (ଯଥା - ଶାନ୍ତାକାରମ୍ ........)
- ଶାସ୍ତ୍ରୀୟ ପଦ୍ଧତିରେ ଓଡ଼ିଶୀ ନୃତ୍ୟ
- ଗୀତ ଆଉ ବାଦ୍ୟର ତାଳେ ତାଳେ ନୃତ୍ୟ
- ବିଭିନ୍ନ ମୁଦ୍ରା
- ଅଙ୍ଗଭଙ୍ଗୀ
- ଅଭିନୟ
- ରୂପ, ରସ, ଛନ୍ଦ
- ବେଶ ପୋଷାକ

ଉପକାର - ଏହାଦ୍ୱାରା ପିଲାଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ହେବ । ଏହା ସୃଜନାତ୍ମକ କଳା ହେତୁ ଭାରତୀୟ କଳା ଓ ସଂସ୍କୃତିର ବିକାଶ ଏହାଦ୍ୱାରା ହୋଇପାରିବ । ଏହି ନୃତ୍ୟ ମାଧ୍ୟମରେ ପିଲାଙ୍କ ମଧ୍ୟରେ ଭାଇଗ୍ଭରା, ସହଯୋଗୀ ମନୋଭାବ ଓ ବିଶ୍ୱଭାତୃତ୍ୱ ମନୋଭାବର ବିକାଶ ହୋଇପାରିବ । ❑❑❑

